ସକାଳ
THE SAKALA



# ନାରୀଶକ୍ତି ବନ୍ଦନ ନୁହେଁ, ବିଜେପିର କ୍ରନ୍ଦନ: କଂଗ୍ରେସ

ଭୁବନେଶ୍ୱର, ୨୧।୪ (ସମିସ): ନାରୀ ଶକ୍ତି ବନ୍ଦନ ଆଇନ ସଂଶୋଧନ ବିଲ୍ ମହିଳା ଶକ୍ତି ବିରୋଧରେ ବିଜେପିର ଏକ ଷଡ଼ଯନ୍ତ୍ର। ଏହି ବିଲ୍ ଖାରଜ ହେବା ସହ ସଂସଦରେ ବିଜେପିର ପରାଜୟ ଫଳରେ ଏବେ ସେମାନେ ଘରକୁ ଘର ଯିବା କଥା କହି ମିଛ ପ୍ରଚାର ପ୍ରସାର କରୁଛନ୍ତି। ଏହି ବିଲ୍ ଆସିବାର ମାତ୍ର ୨୪ ଘଣ୍ଟା ପୂର୍ବରୁ ନାରୀ ଶକ୍ତି ବନ୍ଦନ ଆଇନ (ସଂଶୋଧନ) ବିଲ୍‌ର ଏକ ଡ୍ରାଫ୍ଟ ସାଂସଦମାନଙ୍କୁ ବଣ୍ଟନ କରାଯାଇଥିଲା। ଏଥିରେ ମନଇଚ୍ଛା ସୀମା ନିର୍ଦ୍ଧାରଣ ପାଇଁ ଅହ୍ୱାନ ଦିଆଯାଇଥିଲା। ଏହା କେବଳ ମହିଳା ସଶକ୍ତୀକରଣ ନାମରେ ବିଲ୍‌କୁ ପାରିତ କରି କ୍ଷମତା ବଜାୟ ରଖିବାର ଏକ ଷଡ଼ଯନ୍ତ୍ର ଥିଲା। ଏବେ ନାରୀଶକ୍ତି ବନ୍ଦନ ନୁହେଁ, ଏଥିପାଇଁ ବିଜେପିର କ୍ରନ୍ଦନ ଚାଲିଛି ବୋଲି ଏଆଇସିସି ମୁଖପାତ୍ର ମହିମା ସିଂହ କହିଛନ୍ତି।

ମଙ୍ଗଳବାର କଂଗ୍ରେସ ଭବନଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ମହିଳା ସଂରକ୍ଷଣ ବିଲ୍‌କୁ ନେଇ ଏଆଇସିସି ମୁଖପାତ୍ର ଶ୍ରୀମତୀ ସିଂହ ଗଣମାଧ୍ୟମକୁ କହିଛନ୍ତି, ନାରୀଶକ୍ତି ବନ୍ଦନ ଆଇନ ୨୦୨୩ ସର୍ବସମ୍ମତିକ୍ରମେ ପାରିତ ହୋଇ ୨୦୨୬




ଏପ୍ରିଲ ୧୬ରେ ଅଧିସୂଚିତ ହୋଇଥିଲା। କଂଗ୍ରେସ ସରକାର ସମୟରେ ୨୦୧୦ରେ ରାଜ୍ୟସଭାରେ ଏହି ବିଲ୍ ନିଃସର୍ତ୍ତ ପାସ୍ ହୋଇଥିବା ବେଳେ ଲୋକସଭାରେ ମଧ୍ୟ ଗୃହୀତ ହୋଇଥିଲା। ତାହାକୁ ବିଜେପି ସେତେବେଳେ ବିରୋଧ କରିଥିଲା। ତତ୍କାଳୀନ ବିଜେପି ସାଂସଦ ଯୋଗୀ ଆଦିତ୍ୟନାଥ ଏବଂ ଅନେକ ସାଂସଦ ବିଲ୍‌କୁ ବିରୋଧ କରିଥିଲେ। ୨୦୨୩ ମସିହାରେ ସମ୍ବିଧାନ ସଂଶୋଧନ କରି ଧାରା ୩୩୪(କ) ଯୋଡ଼ିଥିଲେ ଏବଂ

**ରାଜଧାନୀରେ ବର୍ଷିଲେ ଏଆଇସିସି ପ୍ରବକ୍ତା ମହିମା ସିଂ**

ଜନଗଣନା ପରେ ସୀମା ନିର୍ଦ୍ଧାରଣ ଆବଶ୍ୟକ କରୁଥିବା ଏକ ବିଲ୍ ପାସ୍ କରିଥିଲେ। ତଥାପି, କଂଗ୍ରେସ ଏବଂ ସମଗ୍ର ବିରୋଧୀ ଏହାକୁ ସମର୍ଥନ କରିଥିଲେ ଏବଂ ୨୦୨୪ ନିର୍ବାଚନରେ ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଦାବି କରିଥିଲେ। କିନ୍ତୁ, ସରକାରଙ୍କ ଏପରି କରିବାର କୌଣସି ଉଦ୍ଦେଶ୍ୟ ନଥିଲା। ୨୦୨୪ରେ ୪୦୦ ସିଟ୍ ଅତିକ୍ରମ କରିବାର ବିଜେପିର ଅହଂକାରକୁ ଦେଶବାସୀ ୨୪୦ ସିଟ୍‌ରେ ସୀମିତ କରିଦେଇଥିଲେ। ବିଜେପି ଜାଣିଛି, ୨୦୨୯ ମସିହାରେ ସେମାନେ ସିଟ୍ ବି ଅଧା ହୋଇଯିବ। ତେଣୁ, ମହିଳାଙ୍କୁ ଆଳ କରି ବିଜେପି ଏମିତି ଷଡ଼ଯନ୍ତ୍ର ରଚିଥିଲା। ସଂଶୋଧନ ନାମରେ ୨୦୨୩ ବିଲ୍ ସହିତ ହେରଫେର କରିବା ଅର୍ଥ ମହିଳାଶକ୍ତି ସହ ବିଶ୍ୱାସଘାତ କରିବା ବୋଲି ମହିମା କହିଛନ୍ତି। ଦେଶର ଜନସାଧାରଣ ଚାହାନ୍ତି, "ଅବକୀ ବାର ବିଜେପି ସରା ସେ ବାହାର" ବୋଲି ଶ୍ରୀମତୀ ସିଂହ ମତବ୍ୟକ୍ତ କରିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ଏଆଇସିସି ଏବଂ ଓପିସିସି ମୁଖପାତ୍ରଙ୍କ ସହ ରାଜ୍ୟ ମହିଳା କଂଗ୍ରେସର ଉପ-ସଭାନେତ୍ରୀ ଜୟଶ୍ରୀ ପଟ୍ଟନାୟକ ଉପସ୍ଥିତ ଥିଲେ।

## ବିଜେଡି ନିରନ୍ତର ଭାବେ ଓଡ଼ିଶାର ମହିଳାଙ୍କୁ ବିକାଶ କେନ୍ଦ୍ରରେ ରଖିଆସିଛି: ମାନସ ମଙ୍ଗରାଜ

ଭୁବନେଶ୍ୱର,୨୧।୪(ସମିସ): ବିଜେଡି ନିରନ୍ତର ଭାବେ ମହିଳାମାନଙ୍କୁ ଓଡ଼ିଶାର ବିକାଶ ଏବଂ ରାଜନୈତିକ ଆଲୋଚନାର କେନ୍ଦ୍ରରେ ରଖିଆସିଛି। ତୃଣମୂଳସ୍ତରରୁ ସଂସଦ ପର୍ଯ୍ୟନ୍ତ ସେମାନଙ୍କ ପ୍ରତିନିଧିତ୍ୱ ସୁନିଶ୍ଚିତ କରିଛି ବୋଲି ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ପ୍ରତିକ୍ରିୟା ରଖିଛନ୍ତି ରାଜ୍ୟସଭାରେ ବିଜେଡି ସଂସଦୀୟ ଦଳ ନେତା ମାନସ ମଙ୍ଗରାଜ।

ସେ କହିଛନ୍ତି ଯେ ୨୦୨୪ ଲୋକସଭା ନିର୍ବାଚନରେ ବିଜୁ ଜନତା ଦଳ ଓଡ଼ିଶାର ୨୧ଟି ଆସନରୁ ୭ଜଣ ମହିଳା ପ୍ରାର୍ଥୀଙ୍କୁ ଛିଡ଼ା କରାଇଥିଲା, ଯାହା ମୋଟ ସଂଖ୍ୟାର ୩୩ ପ୍ରତିଶତ। ଯେଉଁ ସମୟରେ ଅନେକ ଦଳ ଏବେ ମଧ୍ୟ ଏନେଇ ଦ୍ୱିଧା ଅନୁଭବ କରୁଛନ୍ତି, ସେତେବେଳେ ବିଜେଡିର ଏହି ନିଷ୍ପତ୍ତି ଜାତୀୟ ରାଜନୀତିରେ ମହିଳାମାନଙ୍କ ଅଂଶଗ୍ରହଣ ପାଇଁ ଏକ ଦୃଢ଼ ମଞ୍ଚ ପ୍ରଦାନ କରିଥିଲା। ବିଜେଡି ନିରନ୍ତର ଭାବେ ମହିଳାମାନଙ୍କୁ ଓଡ଼ିଶାର ବିକାଶ ଏବଂ ରାଜନୈତିକ ଆଲୋଚନାର କେନ୍ଦ୍ରରେ ରଖିଆସିଛି। ତୃଣମୂଳସ୍ତରରୁ ସଂସଦ ପର୍ଯ୍ୟନ୍ତ ସେମାନଙ୍କ ପ୍ରତିନିଧିତ୍ୱ ସୁନିଶ୍ଚିତ କରିଛି। ପଞ୍ଚାୟତ ଓ ପୌରସଂସ୍ଥାରେ ବିଜୁ ବାବୁଙ୍କ ୩୩ପ୍ରତିଶତ ସଂରକ୍ଷଣରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧୀନରେ ୫୦ପ୍ରତିଶତ କାର୍ଯ୍ୟାନ୍ୱୟନ ପର୍ଯ୍ୟନ୍ତ, ମହିଳା ସଶକ୍ତୀକରଣ ଓଡ଼ିଶାରେ ବିଜେଡିର ଶାସନ ଯାତ୍ରାର ଏକ ନିର୍ଣ୍ଣାୟକ ଏବଂ ନିରନ୍ତର ସ୍ତମ୍ଭ ହୋଇ ରହିଛି ବୋଲି ସେ ମତବ୍ୟକ୍ତ କରିଛନ୍ତି।

## ଆଜି ରାଜ୍ୟ କ୍ୟାବିନେଟ

**ଆସିପାରେ ୮ଟି ପ୍ରସ୍ତାବ**

ଭୁବନେଶ୍ୱର,୨୧।୪(ସମିସ): ଆସନ୍ତାକାଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ। ଲୋକସେବା ଭବନର ସମ୍ମିଳନୀ କକ୍ଷରେ ସନ୍ଧ୍ୟା ୭ଟା ସମୟରେ ବୈଠକ ଅନୁଷ୍ଠିତ ହେବାକୁ ଥିବାବେଳେ ଏଥିରେ ୭ରୁ ୮ଟି ପ୍ରସ୍ତାବ ଉପରେ ମୋହର ବାଜିବାର ସମ୍ଭାବନା ରହିଛି। ଶକ୍ତି, ଉଚ୍ଚଶିକ୍ଷା, ପଞ୍ଚାୟତିରାଜ, ଶିଳ୍ପ, ଗ୍ରାମ୍ୟ ଉନ୍ନୟନ ବିଭାଗ ସମ୍ପର୍କିତ ପ୍ରସ୍ତାବକୁ ମଞ୍ଜୁର ମିଳିବାର ସମ୍ଭାବନା ରହିଛି ବୋଲି ଜଣାପଡ଼ିଛି।

## ନିଜ ଶିଶୁକନ୍ୟା ସହ ସାକ୍ଷାତ ପାଇଁ ବିଦେଶୀ ନାଗରିକଙ୍କୁ ହାଇକୋର୍ଟଙ୍କ ଅନୁମତି

କଟକ, ୨୧।୪ (ସମିସ): ଜନ୍ମଦାତ୍ରୀ ମା' ତଥା ଫିଲିପାଇନ୍ସର ନାଗରିକଙ୍କୁ ତାଙ୍କ ଅଢ଼େଇ ବର୍ଷର ଶିଶୁକନ୍ୟାକୁ ଭେଟିବା ସହ ସମୟ ବିତାଇବାକୁ ସୁଯୋଗ ଦେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ୍ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଫିଲିପାଇନ୍ସର ଜଣେ ମହିଳାଙ୍କ ତରଫରୁ ଦାୟର ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମା' ଓ ଶିଶୁ ମଧ୍ୟରେ ସାକ୍ଷାତ ପାଇଁ ବ୍ୟବସ୍ଥା କରାଯିବ। ଏଥିସହ ଭିଡିଓ କଲ୍ ମାଧ୍ୟମରେ ଆବେଦନକାରୀ ମା' ଓ ଶିଶୁ ମଧ୍ୟରେ ସମ୍ପର୍କ ରଖିବାକୁ ମଧ୍ୟ ଅନୁମତି ଦିଆଯାଇଛି। ଆବେଦନକାରୀ ଯେତେବେଳେ ଭାରତକୁ ଆସି ତାଙ୍କ ଶିଶୁକୁ ଦେଖିବାକୁ ଚାହିଁବେ, ପ୍ରତିପକ୍ଷମାନେ ସେଥିରେ କୌଣସି ବାଧା ସୃଷ୍ଟି କରିବେ ନାହିଁ ବୋଲି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି ହାଇକୋର୍ଟ। ଏଥିସହ ଭୁବନେଶ୍ୱରରେ ରହୁଥିବା ହୋଟେଲରେ ଦିନ ୩ଟାରୁ ୫ଟା ପର୍ଯ୍ୟନ୍ତ ଦୁଇଘଣ୍ଟା ନିଜସ୍ୱ ସମୟ ଶିଶୁ ସହ ବିତାଇବାକୁ ମା'ଙ୍କୁ ଅନୁମତି ଦିଆଯାଇଛି। ମାମଲାର ଶୁଣାଣି ସମୟରେ ପୂର୍ବ ନିର୍ଦ୍ଦେଶ ଅନୁସାରେ ଆବେଦନକାରୀ ଓ ଶିଶୁର ବାପା ବ୍ୟକ୍ତିଗତ ଭାବେ ହାଇକୋର୍ଟରେ ଉପସ୍ଥିତ ଥିଲେ। ମେ' ୧୮କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି।

ମାମଲାରୁ ପ୍ରକାଶ ଯେ ଆବେଦନକାରୀ ଫିଲିପାଇନ୍ସର ନାଗରିକ ହୋଇଥିବା ବେଳେ ବର୍ତ୍ତମାନ ଭିଏତନାମର ହାନୋଇରେ ଏକ ସଂସ୍ଥାରେ କାର୍ଯ୍ୟରତ ଅଛନ୍ତି। ସେ ଭାରତରେ ଥିବା ବେଳେ ଶିଶୁକନ୍ୟାଟି ୨୦୨୩ ନଭେମ୍ବର ମାସରେ ଜନ୍ମ ହୋଇଥିଲା। ପରବର୍ତ୍ତୀ ସମୟରେ ଭିସା ସମ୍ବନ୍ଧୀୟ ପ୍ରତିବନ୍ଧକ ପାଇଁ ଭାରତ ଛାଡ଼ିଯିବାକୁ ବାଧ୍ୟ ହୋଇଥିଲେ। ଶିଶୁକନ୍ୟାକୁ ତାର ବାପାଙ୍କ ନିକଟରେ ସେ ଛାଡ଼ିଥିଲେ। ହେଲେ ସେ ଭାରତ ଆସିବା ପରେ ତାଙ୍କୁ ଶିଶୁକନ୍ୟାକୁ ଭେଟିବାକୁ ଦିଆଯାଉନାହିଁ। ଅବୈଧ ଭାବେ ଶିଶୁକନ୍ୟାକୁ ପ୍ରତିପକ୍ଷ ସେମାନଙ୍କ ଜିମାରେ ରଖିଛନ୍ତି। ଏହାଦ୍ୱାରା ମାତୃସ୍ନେହ ଓ ଉପଯୁକ୍ତ ଦେଖାଶୁଣାରୁ ଶିଶୁ ବଞ୍ଚିତ ହୋଇଛନ୍ତି। ଅଢ଼େଇ ବର୍ଷରୁ କମ୍ ବୟସର ଶିଶୁକନ୍ୟାକୁ ତାର ଜିମା ଜନ୍ମଦାତ୍ରୀ ମା'ଙ୍କୁ ହସ୍ତାନ୍ତର କରାଯିବା ଉଚିତ ବୋଲି ଆବେଦନକାରୀ ଦର୍ଶାଇବା ସହ ଶିଶୁକନ୍ୟା ତାଙ୍କୁ ହସ୍ତାନ୍ତର ପ୍ରାର୍ଥନା କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।

**ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ଏକକ ବାତାୟନ କମିଟି ବୈଠକ**

## ୨୮୭୭ କୋଟିର ୧୮ ପ୍ରକଳ୍ପକୁ ଅନୁମୋଦନ

ଭୁବନେଶ୍ୱର,୨୧।୪(ସମିସ): ମଙ୍ଗଳବାର ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ କମିଟି ବୈଠକରେ ୩,୮୭୭.୧୪ କୋଟି ଟଙ୍କାର ୧୮ ପ୍ରକଳ୍ପକୁ ଅନୁମୋଦନ ମିଳିଛି। ଏହି ପ୍ରକଳ୍ପଗୁଡ଼ିକ ବାଲେଶ୍ୱର, ଦେବଗଡ଼, ଗଞ୍ଜାମ, ଯାଜପୁର, ଝାରସୁଗୁଡ଼ା, କେନ୍ଦୁଝର, ଖୋର୍ଦ୍ଧା, କୋରାପୁଟ, ପୁରୀ, ସମ୍ବଲପୁର ଓ ସୁନ୍ଦରଗଡ଼ ଜିଲ୍ଲାରେ ୭,୫୬୫ଟି ରୋଜଗାର ସୁଯୋଗ ସୃଷ୍ଟି କରିବ ବୋଲି କୁହାଯାଇଛି।

ସରକାରୀ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ରୁନାୟା ଏକାର୍ଟ ଆଲୁମିନିୟମ୍ ପାଉଡର୍ସ ପ୍ରାଇଭେଟ୍ ଲିମିଟେଡ୍ ଏକ ଆଲୁମିନିୟମ୍ ଡାଉନଷ୍ଟ୍ରିମ୍ ଉତ୍ପାଦନ ସ୍ଥାପନ କରିବ। ସ୍କାନ୍ ଷ୍ଟିଲ୍ସ ଲିମିଟେଡ୍, ଜୟ ଜଗନ୍ନାଥ ଷ୍ଟିଲ ଆଣ୍ଡ ପାୱାର୍ ଲିମିଟେଡ୍, ଏସ୍ଏସ୍ ଆଲୁଫଏଲ୍ସ ଇଣ୍ଟରନ୍ୟାସନାଲ୍ ଲିମିଟେଡ୍ ଷ୍ଟିଲ୍, ଆଇରନ୍ ଏବଂ ଫେରୋ ଆଲୟ୍ ଉତ୍ପାଦନ କ୍ଷମତା ବୃଦ୍ଧି କରିବେ। ଏହା ଓଡ଼ିଶାକୁ ଭାରତର ପ୍ରମୁଖ ଧାତୁ ଉତ୍ପାଦନ କେନ୍ଦ୍ର ଭାବେ ମଜବୁତ୍ କରିବ ଓ ଅଧିକ ସଂଖ୍ୟକ ରୋଜଗାର ସୃଷ୍ଟି କରିବ। ସୋଲାର୍ ଇଣ୍ଡଷ୍ଟ୍ରିଜ୍ ଇଣ୍ଡିଆ ଲିମିଟେଡ୍ ଝାରସୁଗୁଡ଼ାରେ ଏକ ବିସ୍ଫୋରକ ଉତ୍ପାଦନ କେନ୍ଦ୍ର ସ୍ଥାପନ କରିବ। ଇଲେକ୍ଟ୍ରୋନିକ୍ସ ସିଷ୍ଟମ୍ ଡିଜାଇନ୍ ଓ ମ୍ୟାନୁଫ୍ୟାକ୍‌ଚରିଂ କ୍ଷେତ୍ରରେ ଉଚ୍ଚ ପ୍ରଯୁକ୍ତି ଉତ୍ପାଦନକୁ ପ୍ରୋତ୍ସାହନ ଦେବା ପାଇଁ ଏନ୍‌ଭେୟାର୍ ଇଲେକ୍ଟ୍ରୋଡାଇନ୍ ଲିମିଟେଡ୍ ଏକ ଇଏସ୍‌ଡିଏମ୍ ଉତ୍ପାଦନ କେନ୍ଦ୍ର ସ୍ଥାପନ କରିବ। ଏହା ଓଡ଼ିଶାର ଇଲେକ୍ଟ୍ରୋନିକ୍ସ ଉତ୍ପାଦନ ବ୍ୟବସ୍ଥାକୁ ମଜବୁତ୍ କରିବ ବୋଲି ସରକାର କହିଛନ୍ତି। ସେହିପରି ଔଷଧ ଓ ମେଡିକାଲ୍ ଡିଭାଇସ୍ କ୍ଷେତ୍ରରେ ହାର୍ମାନ୍ ଫାଇନୋକେମ୍ ଲିମିଟେଡ୍ ଏକ ଔଷଧ ଉତ୍ପାଦନ କେନ୍ଦ୍ର ଏବଂ ଆମ୍ବିଟେକ୍ ହେଲ୍ଥକେୟାର୍ ପ୍ରାଇଭେଟ୍ ଲିମିଟେଡ୍ ଏକ ମେଡିକାଲ୍ ଡିଭାଇସ୍ ଉତ୍ପାଦନ କେନ୍ଦ୍ର ସ୍ଥାପନ କରିବେ।

ଜାହାଜ ନିର୍ମାଣ ଓ ସାମୁଦ୍ରିକ ଉତ୍ପାଦନ କ୍ଷେତ୍ରରେ ବାଲେଶ୍ୱର ଶିପୟାର୍ଡ଼ ଆଣ୍ଡ ଇନ୍‌ଫ୍ରା ପ୍ରାଇଭେଟ୍ ଲିମିଟେଡ୍ ଜାହାଜ ନିର୍ମାଣ, ମରାମତି ଏବଂ ଯାନ୍ତ୍ରିକ ଭାସମାନ ଜଳଯାନ ନିର୍ମାଣ କରିବ। ପର୍ଯ୍ୟଟନ ଓ ଆତିଥ୍ୟ କ୍ଷେତ୍ରର ବିକାଶ ପାଇଁ ଜାସ୍ କନ୍‌ଷ୍ଟ୍ରକ୍ସନ୍ସ ପ୍ରାଇଭେଟ୍ ଲିମିଟେଡ୍, ରଥ ହସ୍ପିଟାଲିଟି ପ୍ରାଇଭେଟ୍ ଲିମିଟେଡ୍, କେନ୍ଦୁଝର ରିଗାଲ୍ ପାରାଡାଇସ୍ ପ୍ରାଇଭେଟ୍ ଲିମିଟେଡ୍, କାର୍ଯ୍ୟନ ଭେଞ୍ଚର୍ସ ପ୍ରାଇଭେଟ୍ ଲିମିଟେଡ୍, ସୂର୍ଯ୍ୟ ଇକୋ ରିସର୍ଟ୍ସ ପ୍ରାଇଭେଟ୍ ଲିମିଟେଡ୍ ଏବଂ ଚତୁର୍ଭୁଜ ହୋଟେଲ୍ ଆଣ୍ଡ ରିସର୍ଟ୍ସ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ୬ଟି ନୂତନ ଆତିଥ୍ୟ ପ୍ରକଳ୍ପ ମାଧ୍ୟମରେ ଓଡ଼ିଶାର ପର୍ଯ୍ୟଟନ ଅର୍ଥନୀତି ଆହୁରି ବିସ୍ତାର କରାଯିବ ବୋଲି ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

## ଦୁଆରଶୁଣି ଘାଟିରେ ବସ୍ ବ୍ରେକ୍ ଫେଲ୍

- ଅଳ୍ପକେ ବର୍ତ୍ତିଲେ ୧୦୦ରୁ ଊର୍ଦ୍ଧ୍ୱ ମୁର୍ଶିଦାବାଦ ଶ୍ରମିକ
- ପଶ୍ଚିମବଙ୍ଗ ନିର୍ବାଚନ ପାଇଁ ଗାଁକୁ ଯାଉଥିଲେ

ବାରିପଦା, ୨୧।୪ (ସମିସ): ନିଶ୍ଚିତ ମୃତ୍ୟୁମୁଖରୁ ବର୍ତ୍ତିଗଲା ୧୦୦ରୁ ଊର୍ଦ୍ଧ୍ୱ ଜୀବନ। ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ନିକଟ ଦୁଆରଶୁଣି ଘାଟିରେ ଆଜି ଏକ ବସ୍ ବଡ଼ ଅଘଟଣରୁ ବର୍ତ୍ତିଯାଇଛି। ମୁର୍ଶିଦାବାଦର ୧୦୦ରୁ ଊର୍ଦ୍ଧ୍ୱ ଶ୍ରମିକଙ୍କୁ ନେଇ କେନ୍ଦୁଝରରୁ କୋଲକାତା ଯାଉଥିବା ବେଳେ ୪୯ ନମ୍ବର ଜାତୀୟ ରାଜପଥର ଏହି ଘାଟି ରାସ୍ତାରେ ବସ୍‌ଟିର ବ୍ରେକ୍-ଫେଲ୍ ହୋଇଯାଇଥିଲା। ତେବେ ସୌଭାଗ୍ୟକୁ ବସ୍‌ଟି ଗଡ଼ିଗଡ଼ି ଏକ ପଥରକୁ ଧକ୍କା ଦେଇ ଅଟକି ଯାଇଥିଲା। ପଶ୍ଚିମବଙ୍ଗରେ ନିର୍ବାଚନ ଥିବାରୁ ଶ୍ରମିକମାନେ ଏହି ବସ୍‌ରେ ଘରକୁ ଫେରୁଥିଲେ। ଏହି ଅଘଟଣରେ ୫ରୁ ୬ଜଣ ଶ୍ରମିକ ସାମାନ୍ୟ ଆହତ ହୋଇଛନ୍ତି। ସେମାନଙ୍କୁ ବାଙ୍ଗିରିପୋଷି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଘଟଣାସ୍ଥଳରେ ଦମକଳବାହିନୀ ଓ ପୁଲିସ ପହଞ୍ଚି ଲୋକଙ୍କୁ ଉଦ୍ଧାର କରିଛନ୍ତି।

- ବାଚସ୍ପତି କମିଟି ସମ୍ମିଳନୀ

## 'ଦଳବଦଳ ଆଇନ ଉପରେ ତର୍ଜମା ଜରୁରୀ'

ପୁରୀ, ୨୧।୪ (ସମିସ): ଭାରତୀୟ ସମ୍ବିଧାନର ଦଶମ ଅନୁସୂଚୀ ଅନୁଯାୟୀ ବିଧାନସଭା ଅଧ୍ୟକ୍ଷଙ୍କ କ୍ଷମତା ଓ ଦାୟିତ୍ୱର ସମୀକ୍ଷା ପାଇଁ ସ୍ଥାନୀୟ ଏକ ହୋଟେଲରେ ମଙ୍ଗଳବାର 'ବାଚସ୍ପତି କମିଟି ସମ୍ମିଳନୀ' ଅନୁଷ୍ଠିତ ହୋଇଯାଇଛି। କମିଟି ଅଧ୍ୟକ୍ଷ ମହାରାଷ୍ଟ୍ର ବିଧାନସଭାର ବାଚସ୍ପତି ରାହୁଲ ସୁରେଶ ନରୱେକରଙ୍କ ଅଧ୍ୟକ୍ଷତା ଏବଂ ଓଡ଼ିଶାର ବାଚସ୍ପତି ସୁରମା ପାଢ଼ୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ବୈଠକରେ କର୍ଣ୍ଣାଟକର ବାଚସ୍ପତି ୟୁ.ଟି. ଖାଦିର ଫରିଦ୍, ନାଗାଲାଣ୍ଡର ବାଚସ୍ପତି ସାରିଙ୍ଗେନ୍ ଲଙ୍ଗକୁମେର ଯୋଗ ଦେଇଥିଲେ। ଏହି ଅବସରରେ ଅଧ୍ୟକ୍ଷତା କରି ବାଚସ୍ପତି ଶ୍ରୀ ନରୱେକର ସମ୍ମିଳନୀର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଏହି ଅବସରରେ ବାଚସ୍ପତି ଶ୍ରୀମତୀ ପାଢ଼ୀ କହିଥିଲେ ଯେ ଦଳବଦଳ ଆଇନ ଉପରେ ତର୍ଜମା ହେବା ଜରୁରୀ। ସମ୍ବିଧାନ ବିଶେଷଜ୍ଞ ତଥା ଆଇନର ବିଶାରଦମାନଙ୍କୁ ନେଇ କମିଟି ଗଠନ କରାଯାଇ ଏସବୁ ଆହ୍ୱାନର ମୁକାବିଲା ଦିଗରେ ସୁଚିନ୍ତିତ ପରାମର୍ଶ ଓ ପଦକ୍ଷେପ ଗ୍ରହଣ କରିବା ଦିଗରେ କାର୍ଯ୍ୟ କରାଯିବା ଆବଶ୍ୟକ। ଆଗାମୀ ଦିନରେ ଏହାକୁ କିପରି ଗଣତାନ୍ତ୍ରିକ ପରମ୍ପରାରେ ସୁରକ୍ଷିତ ରଖାଯାଇପାରିବ, ସେ ଦିଗରେ ଯତ୍ନବାନ ହେବା ଆବଶ୍ୟକ।

## ଆଇଏଏସ ବିଜୟ କେତନ ଉପାଧ୍ୟାୟଙ୍କୁ ଆଶ୍ୱସ୍ତି

**ଭିଜିଲାନ୍ସ ମାମଲା ରଦ୍ଦ କଲେ ହାଇକୋର୍ଟ**

କଟକ, ୨୧।୪ (ସମିସ): ଓଡ଼ିଶା ଉଦ୍ୟାନ କୃଷି ବିଭାଗର ପୂର୍ବତନ ନିର୍ଦ୍ଦେଶକ ତଥା ବରିଷ୍ଠ ଆଇଏଏସ୍ ଅଧିକାରୀ ତଥା ବର୍ତ୍ତମାନ ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ଡ. ବିଜୟକେତନ ଉପାଧ୍ୟାୟଙ୍କ ବିରୋଧରେ ଲାଞ୍ଚ ନେବା ଅଭିଯୋଗରେ ଚାଲିଥିବା ମାମଲାକୁ ହାଇକୋର୍ଟ ରଦ୍ଦ କରିଦେଇଛନ୍ତି। ମାମଲାକୁ ବିଚାର ପାଇଁ ଗ୍ରହଣ ସମ୍ପର୍କିତ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟଙ୍କ ଦ୍ୱାରା ଜାରି ଆଦେଶକୁ ହାଇକୋର୍ଟ ରଦ୍ଦ କରିଛନ୍ତି। ଡ. ଉପାଧ୍ୟାୟଙ୍କ ତରଫରୁ ରୁଜୁ ମାମଲାର ଶୁଣାଣି କରି ଜଷ୍ଟିସ ଡ. ସଞ୍ଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଦୁର୍ନୀତି ନିବାରଣ ଆଇନର ଧାରା-୧୯ ଅନୁଯାୟୀ, ଜଣେ ସରକାରୀ ଅଧିକାରୀଙ୍କ ବିରୋଧରେ ମାମଲା ଚଲାଇବା ପାଇଁ ଅନୁମତି କେବଳ ଏକ ଆନୁଷ୍ଠାନିକତା ନୁହେଁ, ବରଂ ଏହା ଏକ ସୁରକ୍ଷା କବଚ। ଯଦି ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରାନଯାଇ ଅଧାପନ୍ତରିଆ ଭାବେ ଅନୁମତି ଅଣାଯାଏ, ତାହା ଆଇନଗତ ଭାବେ ଗ୍ରହଣୀୟ ନୁହେଁ ବୋଲି କହିଛନ୍ତି ହାଇକୋର୍ଟ। ମାମଲାଟି ୨୦୧୯ ମସିହାରୁ ଚାଲିଥିଲେ ମଧ୍ୟ ଏପର୍ଯ୍ୟନ୍ତ ଚାର୍ଜଫ୍ରେମ୍ ହୋଇପାରିନାହିଁ। ବିଚାର ପ୍ରକ୍ରିୟାରେ ଏଭଳି ବିଳମ୍ବ ଜଣେ ବ୍ୟକ୍ତିଙ୍କର ସମ୍ବିଧାନ ପ୍ରଦତ୍ତ 'ଶୀଘ୍ର ବିଚାର ପାଇବା ଅଧିକାରର ଉଲ୍ଲଙ୍ଘନ ବୋଲି କୋର୍ଟ କହିଛନ୍ତି। ମାମଲାରୁ ପ୍ରକାଶ ଯେ ଗତ ୨୦୧୯ ମସିହାରେ ଉଦ୍ୟାନ କୃଷି ନିର୍ଦ୍ଦେଶକ ଥିବା ଡ. ଉପାଧ୍ୟାୟଙ୍କ ବିରୋଧରେ ଜଣେ ଯୋଗାଣକାରୀଙ୍କ ବିଲ୍ ପାସ୍ କରିବା ପାଇଁ ୧ ଲକ୍ଷ ଟଙ୍କା ଲାଞ୍ଚ ନେଉଥିବା ଅଭିଯୋଗ ହୋଇଥିଲା। ଏହି ଆଧାରରେ ଗତ ୧୬.୦୧.୨୦୨୩ରେ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଏହି ମାମଲାକୁ ବିଚାର ପାଇଁ ଗ୍ରହଣ କରିଥିଲେ। ଏହାକୁ ଚାଲେଞ୍ଜ କରି ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଭିଜିଲାନ୍ସ କୋର୍ଟଙ୍କ ଏହି ଆଦେଶକୁ ରଦ୍ଦ କରିବା ସହ ଯଦି ସରକାର ଚାହାନ୍ତି, ସମସ୍ତ ପ୍ରାସଙ୍ଗିକ ତଥ୍ୟ ଓ ପ୍ରମାଣକୁ ବିଚାରକୁ ନେଇ ନୂତନ ଭାବେ ଅନୁମତି ପାଇଁ ଆବେଦନ କରିପାରିବେ ବୋଲି ହାଇକୋର୍ଟ କହିଛନ୍ତି।

**ମହଙ୍ଗା ପଡ଼ିଲା ମୋକିମଙ୍କୁ ନିମନ୍ତ୍ରଣ**

## କଂଗ୍ରେସ ନେତା ସୁଦର୍ଶନ ଦାସଙ୍କୁ କାରଣ ଦର୍ଶାଅ ନୋଟିସ୍

ଭୁବନେଶ୍ୱର,୨୧।୪(ସମିସ): କଂଗ୍ରେସ ନେତା ସୁଦର୍ଶନ ଦାସଙ୍କୁ ପ୍ରଦେଶ କଂଗ୍ରେସର ଶୃଙ୍ଖଳା କମିଟି କାରଣ ଦର୍ଶାଅ ନୋଟିସ୍ ଜାରି କରିଛି। ଗତ ମାସରେ ମହାନଦୀ ବଞ୍ଚାଅ ଆନ୍ଦୋଳନର ଏକ କାର୍ଯ୍ୟକ୍ରମକୁ ଶ୍ରୀ ଦାସ ଓଡ଼ିଶା ଜନତା କଂଗ୍ରେସ (ଓଜେସି) ସଭାପତି ମହମ୍ମଦ ମୋକିମଙ୍କୁ ନିମନ୍ତ୍ରଣ କରିଥିବାରୁ ତାଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି ହୋଇଥିବା ଜଣାପଡ଼ିଛି। ଗତ ମାସରେ ଗାନ୍ଧୀ ମାର୍ଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସଂଗଠନର ନିମନ୍ତ୍ରଣକ୍ରମେ ମହମ୍ମଦ ମୋକିମ ଯୋଗ ଦେଇଥିଲେ। ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ଭାବେ ସୁଦର୍ଶନ ଦାସ କାମ କରୁଛନ୍ତି। ଏହି ସାଂଗଠନିକ ମୁଖ୍ୟ ଭାବେ ଓ କଂଗ୍ରେସ ସଦସ୍ୟ ଭାବେ ସେ ଦାୟିତ୍ୱ ନିର୍ବାହ କରୁଥିବା ବେଳେ କେଉଁ କାରଣ ପାଇଁ ସେ ମୋକିମଙ୍କୁ ନିମନ୍ତ୍ରଣ କରିଥିଲେ, ତାକୁ ନେଇ ଶୃଙ୍ଖଳାକମିଟି କାରଣ ଦର୍ଶାଅ ନୋଟିସ୍ ଜାରି କରିଛି।

ଅନ୍ୟପଟେ ଏହି ଘଟଣାକୁ ଦଳର ଆଭ୍ୟନ୍ତରୀଣ କଥା ବୋଲି ଶ୍ରୀ ଦାସ କହିଛନ୍ତି। ତେଣୁ, ଏହାକୁ ସାର୍ବଜନୀନ କରିବା ଉଚିତ ନୁହେଁ। ତାଙ୍କର କେହି ଗଡ୍‌ଫାଦର ନାହାନ୍ତି। ସେ ବିଭିନ୍ନ ସଂଗଠନ ସହିତ ଜଡ଼ିତ ଅଛନ୍ତି ଓ ଜନତାଙ୍କ ସ୍ୱର ହେବା ପାଇଁ ପ୍ରୟାସ କରୁଛନ୍ତି। ଓଡ଼ିଶାର ସ୍ୱାର୍ଥ ଯେଉଁଠାରେ କ୍ଷୁଣ୍ଣ ହେଉଛି, ସେଠାରେ ସେ ଲଢ଼େଇ କରୁଛନ୍ତି। ତେବେ ସେ ଦଳୀୟ ଶୃଙ୍ଖଳା ଭିତରେ ଅଛନ୍ତି। ଏହା ବାହାରକୁ ଯାଇନାହାନ୍ତି ବୋଲି କହିଛନ୍ତି। ମହାନଦୀ ବଞ୍ଚାଅ ଆନ୍ଦୋଳନ ୨୦୧୬ରୁ ଗଠନ ହୋଇଛି। ଏହି ଆନ୍ଦୋଳନକୁ ବିଜେପି ଓ ବିଜେଡିର ଅନେକ ନେତା ଆସିଛନ୍ତି। ବାମପନ୍ଥୀ ଦଳର ଅନେକ ନେତା ମଧ୍ୟ କାର୍ଯ୍ୟକ୍ରମକୁ ଆସିଛନ୍ତି। ତେଣୁ ଏହା ଏକ ବଡ଼ ପ୍ରସଙ୍ଗ ନୁହେଁ ବୋଲି ସେ କହିଛନ୍ତି।

**ଦୁବାଇରେ ଅଟକ ମହିଳାଙ୍କୁ ଉଦ୍ଧାର ପ୍ରସଂଗ ନେଇ ହାଇକୋର୍ଟରେ ମାମଲା**

## ସ୍ୱଦେଶ ପ୍ରତ୍ୟାବର୍ତ୍ତନ ପାଇଁ ପଦକ୍ଷେପ ନେବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ, ୨୧।୪ (ସମିସ): ଦୁବାଇରେ ବେଆଇନ ଭାବେ ଅଟକ ଥିବା ଜଣେ ମହିଳାଙ୍କୁ ଉଦ୍ଧାର କରିବା ପ୍ରସଙ୍ଗରେ ରୁଜୁ ମାମଲାକୁ ଗୁରୁତ୍ୱର ସହ ଶୁଣାଣି କରିଛନ୍ତି ହାଇକୋର୍ଟ। ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ ଉପଖଣ୍ଡ ଅଞ୍ଚଳର ଜଣେ ମହିଳାଙ୍କ ସ୍ୱଦେଶ ପ୍ରତ୍ୟାବର୍ତ୍ତନ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ୍.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ପୀଡ଼ିତ ମହିଳାଙ୍କୁ ଉଦ୍ଧାର ପାଇଁ ଟିଟିଲାଗଡ଼ ଅଞ୍ଚଳର ଜଣେ ସାମାଜିକ କର୍ମୀ ରଞ୍ଜୁ ରାଇମନ ଦାୟର କରିଥିବା ହେବିୟସ କର୍ପସ୍ ପିଟିସନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମେ' ୧୧କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି। ବଲାଙ୍ଗିର ଡିଏସପିଙ୍କ ନିକଟରେ ଥିବା ଏ ସଂପର୍କିତ ସମସ୍ତ ନଥିପତ୍ର ଡେପୁଟି ସଲିସିଟର ଜେନେରାଲ ଅଫ ଇଣ୍ଡିଆ (ଡିଏସଜିଆଇ)ଙ୍କ ନିକଟକୁ ପଠାଇବା ପାଇଁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ସବୁ ନଥିପତ୍ର ହସ୍ତଗତ ହେବା ପରେ ପୀଡ଼ିତାଙ୍କୁ ସ୍ୱଦେଶକୁ ଫେରାଇଆଣିବାକୁ ଡିଏସଜିଆଇ କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ମାଧ୍ୟମରେ ସମସ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି ହାଇକୋର୍ଟ କହିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ ତିନୋଟି ସନ୍ତାନର ଜନନୀ ସମ୍ପୃକ୍ତ ମହିଳାଙ୍କୁ ତାଙ୍କ ସ୍ୱାମୀ ମୁମ୍ବାଇରେ ଜଣେ ମହିଳାଙ୍କୁ ବିକ୍ରି କରିଥିବା ଓ ପରେ ସଂପୃକ୍ତ ମହିଳା ପୀଡ଼ିତାଙ୍କୁ ଦୁବାଇ ନେଇ ଯାଇ ସେଠାରେ ଜଣେ ସେଖଙ୍କୁ ବିକ୍ରି କରି ଦେଇଥିଲେ। ନିକଟରେ ପୀଡ଼ିତା ସ୍ଥାନୀୟ ଲୋକଙ୍କ ସହାୟତାରେ ଏକ ଭିଡିଓ କ୍ଲିପ୍ ସାମାଜିକ ଗଣମାଧ୍ୟମରେ ଅପଲୋଡ୍ କରାଇ ଉଦ୍ଧାର ପାଇଁ ନିବେଦନ କରିଥିଲେ। ଏହି ଭିଡିଓରେ ବୁର୍ଜ ଖଲିଫା କୋଠା ମଧ୍ୟ ଦୃଶ୍ୟମାନ ହୋଇଥିଲା। ଏହି ଭିଡିଓ ଭାଇରାଲ ହେବା ପରେ ପୀଡ଼ିତାଙ୍କ ବାପା ଟିଟିଲାଗଡ଼ ଥାନାରେ ଏତଲା ଦେବା ସହ ପୀଡ଼ିତାଙ୍କୁ ଉଦ୍ଧାର ପାଇଁ ନିବେଦନ କରିଥିଲେ। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଆଶିଷ କୁମାର ମିଶ୍ର ମାମଲା ପରିଚାଳନା କରୁଛନ୍ତି।

## ବଡ଼ମ୍ବା ବନାଞ୍ଚଳରୁ ପୁଣି ଏକ ହାତୀର ଗଳିତ ଶବ ଉଦ୍ଧାର

ବଡ଼ମ୍ବା, ୨୧।୪ (ସମିସ): ଆଠଗଡ଼ ବନଖଣ୍ଡ ଅଧୀନ ବଡ଼ମ୍ବା ବନାଞ୍ଚଳରେ ହାତୀମୃତ୍ୟୁର ତାଣ୍ଡବ ଥମିବାର ନାମ ନେଉନାହିଁ। ଗୁଣ୍ଡଦ୍ୱାର ବିଟ୍ ନିକଟସ୍ଥ ଏକ ଫାର୍ମହାଉସ୍ ପରିସରରୁ ମଙ୍ଗଳବାର ଏକ ହାତୀର ଗଳିତ ଶବ ଉଦ୍ଧାର କରାଯାଇଛି। ଏହି ଘଟଣାକୁ ମିଶାଇ ଗତ ୧୫ ମାସ ମଧ୍ୟରେ ବଡ଼ମ୍ବା-ନରସିଂହପୁର ବନାଞ୍ଚଳରେ ମୋଟ ୧୯ଟି ହାତୀଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଏହା ବନ ବିଭାଗର ସୁରକ୍ଷା ବ୍ୟବସ୍ଥା ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସୂଚନାନୁଯାୟୀ, ଗୁଣ୍ଡଦ୍ୱାର ସେକ୍ସନର ବିଟ୍ ହାଉସଠାରୁ ମାତ୍ର ୨୦୦-୩୦୦ ମିଟର ଦୂରରେ ଥିବା ଏକ ଫାର୍ମ ହାଉସ୍ ମଧ୍ୟରେ ଏକ ହାତୀ ମରି ପଡ଼ିଥିଲା। ହାତୀଟିର ଶରୀର ପଚିଶଢ଼ି ଯାଇଥିବାରୁ ସେଠାରୁ ପ୍ରବଳ ଦୁର୍ଗନ୍ଧ ବାହାରୁଥିଲା। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ବନ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଶବ ଠାବ କରିଥିଲେ। ମୃତ ହାତୀର ବୟସ ପ୍ରାୟ ୨୦ରୁ ୨୨ବର୍ଷ ହେବ ବୋଲି ବଡ଼ମ୍ବା ରେଞ୍ଜର ଅନୁମାନ କରିଛନ୍ତି। ହାତୀଟିର ସମ୍ମୁଖ ଭାଗ ପ୍ରାୟ ଅଧା ପଚି ଯାଇଥିବାରୁ ଏହା ଅନେକ ଦିନ ପୂର୍ବରୁ ତା'ର ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ହାତୀଟିକୁ କେହି ମାରି ଦେଇଛି କିମ୍ବା ବିଦ୍ୟୁତ ଆଘାତ ଯୋଗୁଁ ତାର ମୃତ୍ୟୁ ଘଟିଛି, ସେ ନେଇ ସନ୍ଦେହ ସୃଷ୍ଟି ହୋଇଛି।

**ବିଶ୍ୱ ବାଣିଜ୍ୟ**

## ବର୍ଦ୍ଧିତ ଟାରିଫ୍ ଫେରାଇବ ଆମେରିକା

### ଭାରତୀୟ ରପ୍ତାନୀକାରୀ ପାଇବେ ୧୨୦୦ କୋଟି କ୍ଷତିପୂରଣ

ନୂଆଦିଲ୍ଲୀ,୨୧।୪(ଏଜେନ୍ସି): ଉଚ୍ଚ ଟାରିଫ୍ ବାବଦରେ ଆଦାୟ କରିଥିବା ପ୍ରାୟ ୧୬୬ ବିଲିଅନ ଡ଼ଲାର ଫେରାଇବେ ଟ୍ରମ୍ପ ପ୍ରଶାସନ । ଏହା ମଧ୍ୟରୁ ଭାରତୀୟ ରପ୍ତାନୀକାରୀମାନେ ପ୍ରାୟ ୧୨୦୦ କୋଟି ଟଙ୍କା କ୍ଷତିପୂରଣ ପାଇବେ ବୋଲି ଆଶା କରାଯାଉଛି ।

ଆମେରିକା ଭାରତରୁ ଆମଦାନୀ କରୁଥିବା ପ୍ରାୟ ୫୩ ପ୍ରତିଶତ ସାମଗ୍ରୀ ଉପରେ ଉଚ୍ଚ ଶୁଳ୍କ ଲଗାଇଥିଲା। ବସ୍ତ୍ର ଓ ପୋଷାକରୁ ୪୦୦ କୋଟି, ଇଞ୍ଜିନିୟରିଂ ସାମଗ୍ରୀରୁ ୪୦୦ କୋଟି, ରାସାୟନିକ ସାମଗ୍ରୀ ଉପରୁ ୨୦୦ କୋଟି ଟଙ୍କା ଆଦାୟ କରିଥିଲା। ଅବଶିଷଟ ୨୦୦ କୋଟି ରତ୍ନ, ଅଳଙ୍କାର, ଅଟୋ ସାମଗ୍ରୀରୁ ଆମେରିକା ଆଦାୟ କରିଥିଲା। ମାତ୍ର ଆମେରିକା ସୁପ୍ରିମକୋର୍ଟ ଟାରିଫ୍‌କୁ ବେଆଇନ ଦର୍ଶାଇ ଏହାକୁ ଫେରାଇବା ନିମନ୍ତେ ନିର୍ଦ୍ଦେଶ ଦେବା ପରେ ଭାରତୀୟ ରପ୍ତାନୀକାରୀଙ୍କ ପାଇଁ ସୁଯୋଗ ସୃଷ୍ଟି ହୋଇଛି ।

ଇଞ୍ଜିନିୟରିଂ ଏକ୍ସପୋର୍ଟ ପ୍ରୋମୋସନ୍ କାଉନ୍ସିଲ୍‌ର ଅଧ୍ୟକ୍ଷ ପଙ୍କଜ ଚଡ୍ଡା କହିଛନ୍ତି ଯେ ଏହି ରିଫଣ୍ଡ ପ୍ରଧାନତଃ ଆମେରିକୀୟ ଆମଦାନୀକାରୀଙ୍କୁ ମିଳିବ, କାରଣ ଶୁଳ୍କ ସେମାନେ ହିଁ ଦେଇଥିଲେ। ଭାରତୀୟ କମ୍ପାନୀମାନେ ନିଜର ସହଯୋଗୀ କମ୍ପାନୀ ମାଧ୍ୟମରେ ଆମେରିକାରେ ଆଧିକାରିକ ଭାବରେ ଆମଦାନୀ କରିଥିଲେ ସେମାନେ ଲାଭ ପାଇବେ। ତେବେ ଆମେରିକା କମ୍ପାନୀଗୁଡ଼ିକ ସେମାନଙ୍କ ପରବର୍ତ୍ତୀ ଅର୍ଡର୍‌ରେ ଏହାକୁ ଭାରତୀୟ କମ୍ପାନୀକୁ ଭରଣା କରିବାର ସମ୍ଭାବନା ବେଶୀ।

**କୃଷି କ୍ଷେତ୍ର ପାଇଁ ଖରାପ ଖବର**

## ଦେଶରେ ୟୁରିଆ ଉତ୍ପାଦନ ୨୫% ହ୍ରାସ

**ଗତ ୧୩ ବର୍ଷ ମଧ୍ୟରେ ସବୁଠୁ କମ୍**

ନୂଆଦିଲ୍ଲୀ, ୨୧।୪(ଏଜେନ୍ସି): ପଶ୍ଚିମ ଏସିଆରେ ଯୁଦ୍ଧ ପରିସ୍ଥିତି ଭାରତର ଅର୍ଥନୀତି ଉପରେ ଗଭୀର ପ୍ରଭାବ ପକାଇଛି । ଏବେ ଏଲ୍ଏନ୍‌ଜି ଆମଦାନୀ ହ୍ରାସ ଦେଶର କୃଷିକୁ ମଧ୍ୟ ପ୍ରଭାବିତ କରିବାର ଆଶଙ୍କା ସୃଷ୍ଟି କରିଛି । ଗତ ୧୩ ବର୍ଷ ମଧ୍ୟରେ ଭାରତରେ ୟୁରିଆ ଉତ୍ପାଦନ ସର୍ବନିମ୍ନସ୍ତରରେ ପହଞ୍ଚିଛି ଏବଂ ଚଳିତ ବର୍ଷ ୨୫% କମ୍ ୟୁରିଆ ଉତ୍ପାଦନ ହୋଇଥିବା ସୂଚନା ମିଳିଛି । ଗତ ଦୁଇ ଆର୍ଥିକ ବର୍ଷରେ ଦେଶରେ ସାର ଉତ୍ପାଦନ ଯଥାକ୍ରମେ ୩.୭ ପ୍ରତିଶତ ଓ ୨.୯ ପ୍ରତିଶତ ବୃଦ୍ଧି ହୋଇଥିଲା। ମାତ୍ର ୨୦୨୬ ଆର୍ଥିକ ବର୍ଷର ଶେଷ ତ୍ରୟମାସିକରେ ଏହା ଗୁରୁତର ଭାବରେ ହ୍ରାସ ହୋଇଛି । ୨୦୨୬ ମାର୍ଚ୍ଚରେ ଦେଶରେ ମାସିକ ୟୁରିଆ ଉତ୍ପାଦନ ୨୪.୬% ହ୍ରାସ ପାଇଛି। ଏଲ୍ଏନ୍‌ଜି ଆମଦାନୀ ହ୍ରାସ ୟୁରିଆ ଉତ୍ପାଦନ କ୍ଷେତ୍ରରେ ବାଧକ ହୋଇଛି। ସାଧାରଣତଃ ଦେଶରେ ପ୍ରତିମାସରେ ୨୦ରୁ ୨୫ ଲକ୍ଷ ଟନ୍ ୟୁରିଆ ଉତ୍ପାଦନ ହୋଇଥାଏ, ମାତ୍ର କଞ୍ଚାମାଲ ଓ ଏଲ୍ଏନ୍‌ଜି ଅଭାବ ଯୋଗୁଁ ଏହା ଯଥେଷ୍ଟ ହ୍ରାସ ପାଇଛି। ଚଳିତ ମାସ ଆରମ୍ଭରେ ଉତ୍ତର ଭାରତର ଏକ ବଡ଼ ୟୁରିଆ କାରଖାନା ବନ୍ଦ ହୋଇ ଯାଇଛି। ସେହିପରି ଡ଼ିଏପି ଉତ୍ପାଦନ ମଧ୍ୟ ହ୍ରାସ ପାଇଛି । ମାତ୍ର ଏନ୍‌ପି ଓ ଏନ୍‌ପିକେଏସ୍ ଉତ୍ପାଦନ ବୃଦ୍ଧି ଏହି କ୍ଷେତ୍ରରେ କିଛି ପରିମାଣରେ ଆଶ୍ୱସ୍ତି ଆଣିଛି।

## ସୌର ଷ୍ଟ୍ରିଟ୍‌ଲାଇଟ୍ ସହ ଗ୍ରାମୀଣ ସୁରକ୍ଷାକୁ ସୁଦୃଢ଼ କରିଛି ବେଦାନ୍ତ ଆଲୁମିନିୟମ

ଭୁବନେଶ୍ୱର, ୨୧।୪ (ସମିସ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ, ଝାରସୁଗୁଡ଼ା ଏବଂ ସୁନ୍ଦରଗଡ଼ ଜିଲ୍ଲାରେ ୩୨୫ ସୌର ଶକ୍ତିଚାଳିତ ଷ୍ଟ୍ରିଟ୍ ଲାଇଟ୍ ସ୍ଥାପନ ମାଧ୍ୟମରେ ଗ୍ରାମୀଣ ଭିତ୍ତିଭୂମିକୁ ମଜଭୁତ କରିବା ଜାରି ରଖିଛି। ଏହାଦ୍ୱାରା ବାର୍ଷିକ ପ୍ରାୟ ୨୮,୪୭୦ କିଲୋୱାଟ୍ ସ୍ୱଚ୍ଛ ଶକ୍ତି ଉତ୍ପାଦନ ସହିତ ପ୍ରାୟ ୨୪ଟନ୍ ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ କରାଯାଇପାରୁଛି। ବର୍ଷେ ପୂର୍ବରୁ ସ୍ଥାପିତ ହୋଇଥିବା ଏହି ଷ୍ଟ୍ରିଟ୍ ଲାଇଟ୍ ଜାମଖାନୀ, ଗିରିସିମା, ଖରପଲମ, ହେମଗିରି, ଆରଏନଆର କଲୋନୀ, ବିଲେଇମୁଣ୍ଡା, ମୁଣ୍ଡେରଖେତ, ଘୋଘରପଲ୍ଲୀ, ପୋଡାଜାଲଙ୍ଗା, ରେଙ୍ଗାଲପାନୀ, କୁଡାଲୋଇ, ବଞ୍ଜାରୀ, ବାରତାପ, ଗ୍ରିଣ୍ଡୋଲା, ପିପିଲିମାଳ, ଲିୟାଖାଇ, ଲଖନପୁର ଏବଂ ବେଲପାହାଡ଼ ପୌରପାଳିକା ସମେତ ଗ୍ରାମାଞ୍ଚଳରେ ରହିଛି। ଗ୍ରାମୀଣ ଭିତ୍ତିଭୂମି ବୃଦ୍ଧି ଏବଂ ଏହାର କାର୍ଯ୍ୟ କ୍ଷେତ୍ରରେ ସମ୍ପ୍ରଦାୟର ଉନ୍ନତି ପାଇଁ କମ୍ପାନୀର ବ୍ୟାପକ ଲକ୍ଷ୍ୟ ସହିତ ଯୋଡ଼ି ହେବା ବ୍ୟତୀତ, ଏହି ପଦକ୍ଷେପ ମିଳିତ ଜାତିସଂଘର ସ୍ଥାୟୀ ବିକାଶ ଲକ୍ଷ୍ୟ, ବିଶେଷକରି ଏସଡିଜି ୭, ଏସଡିଜି ୧୧ ଏବଂ ଏସଡିଜି ୧୩ ପ୍ରତି ଏହାର ପ୍ରତିବଦ୍ଧତାକୁ ଦୃଢ଼ କରିଛି। ମୁଣ୍ଡେରଖେତ୍ ଗାଁର ବାସିନ୍ଦା ମଲ୍ଲୀ ସ ତାଙ୍କ ଅଭିଜ୍ଞତାରୁ କହିଛନ୍ତି, ପୂର୍ବରୁ, ଅନ୍ଧାର ସମୟରେ ଯାତାୟାତ କରିବା କଷ୍ଟକର ଥିଲା, କିନ୍ତୁ ବର୍ତ୍ତମାନ ରାସ୍ତାଗୁଡ଼ିକ ଆଲୋକିତ ହେବାରୁ ଆମେ ଅଧିକ ସୁରକ୍ଷିତ ଅନୁଭବ କରୁଛୁ।



- ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗ

## ପ୍ରଧାନମନ୍ତ୍ରୀଙ୍କ ସମ୍ବୋଧନର ଯାଞ୍ଚ କରିବେ ନିର୍ବାଚନ କମିସନ

ନୂଆଦିଲ୍ଲୀ, ୨୧।୪(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶ ଉଦ୍ଦେଶ୍ୟରେ ଦେଇଥିବା ସମ୍ବୋଧନରେ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରିଛନ୍ତି ବୋଲି ବିରୋଧୀ ଦଳ ଯେଉଁ ଅଭିଯୋଗ କରିଛନ୍ତି ଭାରତୀୟ ନିର୍ବାଚନ କମିସନ ତାହାର ଯାଞ୍ଚ କରିବେ। ବାମପନ୍ଥୀ ଦଳ ସମେତ ପୂର୍ବତନ ପ୍ରଶାସକ, ଶିକ୍ଷାବିତ୍ ଏବଂ ସାମ୍ବାଦିକଙ୍କୁ ମିଶାଇ ପ୍ରାୟ ୭୦୦ ଜଣ ନାଗରିକ ନିର୍ବାଚନ କମିସନଙ୍କ ନିକଟରେ ଅଭିଯୋଗ କରିଛନ୍ତି ।ଯେ ଦୂରଦର୍ଶନ, ଆକାଶବାଣୀ ଏବଂ ସଂସଦ ଟିଭି ଭଳି ସରକାରୀ ପ୍ରସାରଣ ମାଧ୍ୟମର ବ୍ୟବହାର କରି ପ୍ରଧାନମନ୍ତ୍ରୀ ରାଜନୈତିକ ପ୍ରଚାର କରିଛନ୍ତି। ନିରପେକ୍ଷ ନିର୍ବାଚନ ପ୍ରକ୍ରିୟାରେ ଏହା ବାଧା ସୃଷ୍ଟି କରୁଛି। ଗତ ଶନିବାର ଦେଇଥିବା ସମ୍ବୋଧନରେ ପ୍ରଧାନମନ୍ତ୍ରୀ ମହିଳା ସଂରକ୍ଷଣ ବିଲ୍‌କୁ ନେଇ କଂଗ୍ରେସ ଓ ତା'ର ସହଯୋଗୀ ଦଳଗୁଡ଼ିକୁ କଡ଼ା ସମାଲୋଚନା କରିଥିଲେ। ନିର୍ବାଚନ କମିସନଙ୍କ ସୂତ୍ରରୁ ପ୍ରକାଶ ଯେ, ଏହି ଅଭିଯୋଗକୁ କମିସନଙ୍କ 'ମଡେଲ କୋଡ୍ ଅଫ୍ କଣ୍ଡକ୍ଟ' ବିଭାଗ ଦ୍ୱାରା ଯାଞ୍ଚ କରାଯିବ। ବର୍ତ୍ତମାନ ପଶ୍ଚିମବଙ୍ଗ, ତାମିଲନାଡୁ ଭଳି ରାଜ୍ୟରେ ନିର୍ବାଚନ ପ୍ରକ୍ରିୟା ଜାରି ରହିଥିବା ବେଳେ ମେ ୪ ତାରିଖ ପର୍ଯ୍ୟନ୍ତ ଆଚରଣ ବିଧି ଲାଗୁ ରହିଛି।

